## ଗୋଟାଳିଙ୍କୁ ମିଳୁନି ମହୁଲ ମୂଲ୍ୟ

# କିଣାବିକାର ଠିକଣା ନାହିଁ, ଗାଁରେ ମାତିଲେଣି ବ୍ୟବସାୟୀ

ବଲାଙ୍ଗିର,୨୩।୩(ସମିସ)



■ ଶୋଷଣର ଶିକାର ହେଉଛନ୍ତି ଗୋଟାଳି

■ ଅବକାରୀ ଓ ପଞ୍ଚାୟତିରାଜ ବିଭାଗର ଅଣଦେଖା ଅଭିଯୋଗ

ବଲାଙ୍ଗିର ଜିଲ୍ଲାରେ ମିଳୁନି ମହୁଲ ମୂଲ୍ୟ। ଠକେଇର ଶିକାର ହେଉଛନ୍ତି ମହୁଲ ଗୋଟାଳି। ଏପଟେ ଜିଲ୍ଲାରେ ମହୁଲ କିଣିବା ପାଇଁ ଅନୁମତି ମିଳିନାହିଁ । ଦର ଧାର୍ଯ୍ୟ ହୋଇନାହିଁ କିନ୍ତୁ ସେପଟେ ଗାଁ ମାନଙ୍କରେ ମାତିଲେଣି ଅଣଓଡ଼ିଆ ମହୁଲ ଦଲାଲ। କମ୍ ଦରରେ ମହୁଲ ଏହି ଦଲାଲ ମାନେ କିଣିବା ଆରମ୍ଭ କରିଥିବାବେଳେ ଏହାକୁ ରୋକିବାରେ ବିଫଳ ହୋଇଛି ଅବକାରୀ ବିଭାଗ।

ମହୁଲ ସଂଗ୍ରହରେ ବଲାଙ୍ଗିର ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରତିବର୍ଷ ଶହ ଶହ କ୍ୱିଣ୍ଟାଲ ଫୁଲ ଲୋକମାନେ ବିକ୍ରି କରିଥାନ୍ତି । ଏହି ଟଙ୍କାରେ ଗରିବ ମହୁଲ ଗୋଟାଳିଙ୍କ ପେଟ ପାଟଣା ଚଳିଥାଏ। ଜିଲ୍ଲାରେ ଥିବା ଜଙ୍ଗଲ ମାନଙ୍କରେ ବହୁ ପରିମାଣର ମହୁଲ ଗଛ ରହିଛି। ଏହି ମହୁଲ ଫୁଲରୁ ଦେଶୀ ମଦ ପ୍ରସ୍ତୁତ ହେଉଥିବାରୁ ଏହାର ଚାହିଦା ରହିଛି । ଏଥିପାଇଁ ଅବକାରୀ ବିଭାଗ ପକ୍ଷରୁ ପ୍ରତିବର୍ଷ ମହୁଲ କିଣିବା ପାଇଁ ଅନୁମତି ପ୍ରଦାନ କରାଯାଇଥାଏ। କିନ୍ତୁ ମହୁଲ ଫୁଲର ଅଭାବୀ ବିକ୍ରି ଏବେ ମହୁଲ ଗୋଟାଳିଙ୍କ ପାଇଁ ସମସ୍ୟା ସାଜିଛି। ଜଙ୍ଗଲ ନିକଟବର୍ତ୍ତୀ, ଖପ୍ରାଖୋଲ, ପାଟଣାଗଡ଼, ବେଲପଡା, ସଇଁତଳା, ତୁରେକେଲା, ଦେଓଗାଁ, ଆଗଲପୁର ପ୍ରମୁଖ ବ୍ଲକ୍‌ରେ ଅଧିକ ପରିମାଣରେ ମହୁଲ ସଂଗ୍ରହ ହୋଇଥାଏ। ମହୁଲ ଗୋଟାଇବା ପାଇଁ ସକାଳୁ ସକାଳୁ ମହିଳାମାନେ ଘରୁ ବାହାରି ଜଙ୍ଗଲକୁ ଯାଇଥାନ୍ତି। ତାଙ୍କ ସହ ପରିବାରର ଛୋଟଛୋଟ ଛୁଆ ମାନେ ମଧ୍ୟ ଜଙ୍ଗଲକୁ ଯାଇଥାନ୍ତି । ମହୁଲ ଗୋଟାଇ ଆଣିବା ପରେ ତାକୁ ଖରାରେ ଶୁଖାଇଥାନ୍ତି। ଶୁଖିଗଲା ପରେ ତାକୁ ବିକ୍ରୟ କରି ଦୁଇ ପଇସା ରୋଜଗାର କରିଥାନ୍ତି । ସେଥିରେ ତାଙ୍କ ପରିବାର ଚଳିଥାଏ। ଏଭଳି ସ୍ଥିତିରେ ଚଳିତ ବର୍ଷ ମହୁଲ ସଂଗ୍ରହ ଓ ବିକ୍ରୟ ବ୍ୟବସ୍ଥାରେ ଭିନ୍ନ ଏକ ଚିତ୍ର ଦେଖିବାକୁ ମିଳିଛି। ଗାଁ ଗାଁରେ ମହୁଲ ମାଫିଆ ମାନେ ମାତିଥିବା ବେଳେ ଶାଗମାଛ ଦରରେ ମହୁଲ କିଣିବା ଆରମ୍ଭ କରିଛନ୍ତି। ମହୁଲ ପାଇଁ କୌଣସି ମଣ୍ଡି କିମ୍ବା ବଜାର ବ୍ୟବସ୍ଥା ନ ଥିବାରୁ ଗୋଟାଳିମାନେ ଏହିଭଳି ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ଅବଶ୍ୟ ଅବକାରୀ ବିଭାଗ ପକ୍ଷରୁ ପ୍ରତିବର୍ଷ ମହୁଲ କିଣିବା ପାଇଁ ଆବେଦନ କରିଥିବା ନିର୍ଦ୍ଦିଷ୍ଟ କିଛି ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥାଏ। ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଅନେକ ହେରାଫେରି କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ରହିଥାଏ। ସୂଚନା ଅନୁସାରେ ଜିଲ୍ଲାରେ ୪୦ ରୁ ୫୦ ଜଣ ବ୍ୟବସାୟୀଙ୍କୁ ଲାଇସେନ୍ସ ଆବେଦନ ମୁତାବକ ପ୍ରତିବର୍ଷ ଦିଆଯାଇଥାଏ। ଯେଉଁଥିରେ ଅଧିକ ବ୍ୟକ୍ତି ସିଧାସଳଖ ଦେଶୀ ମଦଭାଟି ସହ ସମ୍ପୃକ୍ତ ଥାନ୍ତି। ଫଳରେ ଗୋଟାଳିମାନେ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହୋଇଛି। ଗତ କିଛିବର୍ଷ ହେଲା ଲାଇସେନ୍ସ ପାଇଁ ଇଚ୍ଛୁକ ବ୍ୟବସାୟୀମାନେ ଅନଲାଇନରେ ହିଁ ଆବେଦନ କରିଥାନ୍ତି। କାଗଜପତ୍ର ଯାଞ୍ଚ କରିବା ପରେ ସେମାନଙ୍କୁ ଲାଇସେନ୍ସ ଦିଆଯାଇଥାଏ। ଯାହାର ଅବଧି ଏପ୍ରିଲ ୧ରୁ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହେ। ଏଥିପାଇଁ ବିଭାଗ ପକ୍ଷରୁ ୱେବ୍‌ସାଇଟର ବ୍ୟବସ୍ଥା କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ଚଳିବର୍ଷ ଏହି ପ୍ରକ୍ରିୟା ଆରମ୍ଭ ହୋଇନାହିଁ କି କୌଣସି ପ୍ରକାର ଦର ଧାର୍ଯ୍ୟ ହୋଇନାହିଁ। ଦର ପଞ୍ଚାୟତିରାଜ ବିଭାଗ ପକ୍ଷରୁ କରାଯାଉଥିବାବେଳେ ଉକ୍ତ ବିଭାଗ ଦୀର୍ଘବର୍ଷ ହେଲା ଦର ଧାର୍ଯ୍ୟ କରିନାହିଁ। ସେହି ପୁରୁଣା ଦର ଅନୁଯାୟୀ ନିଲାମ ସମୟରେ ଅବକାରୀ ବିଭାଗ ପକ୍ଷରୁ ଏକ ଦରଧାର୍ଯ୍ୟ କରାଯାଇଥାଏ। ଏହି ଘଟଣାରୁ ହିଁ ଏହା ସ୍ପଷ୍ଟ ଯେ ମହୁଲ କାରବାରର କିଛି ଠିକଣା ନାହିଁ। ମନଇଚ୍ଛା ଦରରେ କିଣାବିକା ଚାଲିଛି। ବିଭାଗୀୟ ଅଧିକାରୀଙ୍କୁ ସଲାସୁତୁରାରେ ଏହି କାରବାର ଚାଲିଥିବାବେଳେ ଏଥିରେ ସଂସ୍କାର ଆଣିବା ପାଇଁ ଅବକାରୀ ବିଭାଗ କି ପଞ୍ଚାୟତିରାଜ ବିଭାଗ ଉଦ୍ୟମ ମଧ୍ୟ କରିନାହିଁ। ଅନ୍ୟପକ୍ଷରେ କିନ୍ତୁ ପୁରୁଣା ଅନୁମତି ବଳରେ ଗାଁ ଗାଁରେ ଅଣଓଡ଼ିଆ ମହୁଲ ମାଫିଆମାନେ ମହୁଲ କିଣିବା ଆରମ୍ଭ କରିଛନ୍ତି। ଯାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ପାଖାପାଖି ୨୦ ରୁ ୨୫ ଟଙ୍କା ଦରରେ ମହୁଲ କିଣୁଥିବା ବେଳେ ପ୍ରଶାସନିକ ହସ୍ତକ୍ଷେପ ନ ଥିବାରୁ ଲୋକେ ମଧ୍ୟ ବାଧ୍ୟ ହୋଇ ବିକ୍ରି କରୁଥିବା ଜଣାପଡ଼ିଛି। ଏହାକୁ ନିଜେ ସ୍ୱୀକାର କରିଛନ୍ତି ଅବକାରୀ ଉପ ନିର୍ଦ୍ଦେଶକ। ତେବେ ମହୁଲ ଫୁଲର ଯଥେଷ୍ଟ ଚାହିଦା ରହିଥିବା ବେଳେ ଧାର୍ଯ୍ୟ ଦରରେ କିଣାବିକା ହେଲେ ଉଭୟ ବ୍ୟବସାୟୀ ଓ ଗୋଟାଳି ଲାଭ ପାଇପାରନ୍ତେ କିନ୍ତୁ ଏହି ବ୍ୟବସ୍ଥା ନଥିବାରୁ ବର୍ତ୍ତମାନ ଗୋଟାଳିମାନେ ଠକେଇର ଶିକାର ହେବା ସ୍ୱାଭାବିକ କଥା । ଫଳରେ ବ୍ୟବସାୟୀମାନେ ମହୁଲ କିଣିବା ପରେ ଦରକୁ ନିୟନ୍ତ୍ରଣ କରିବା ଆରମ୍ଭ କରିଦେଇଛନ୍ତି। ଏନେଇ ବଲାଙ୍ଗିର ଅବକାରୀ ଉପ ନିର୍ଦ୍ଦେଶକ ସୀତାକାନ୍ତ ମୁଦୁଲିଙ୍କୁ ପଚାରିବାରୁ ଲାଇସେନ୍ସ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ମାର୍ଚ୍ଚ ୩୧ ସୁଦ୍ଧା ଏନେଇ ଗାଇଡ୍‌ଲାଇନ ଆସିବା ପରେ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ। ଯେଉଁମାନେ କିଣୁଥିବେ ସେମାନେ ପୁରୁଣା ଲାଇସେନ୍ସ ଅବଧି ବଳରେ କିଣିପାରିବେ। ଏହା ପ୍ରକୃତି ଉପରେ ନିର୍ଭର କରୁଥିବାରୁ ତାହାର କିଛି ସଠିକ୍ ସମୟ ନାହିଁ। କେଉଁ ବର୍ଷ ଆଗୁଆ ଆସିବ କେଉଁ ବର୍ଷ ପଛୁଆ ଆସିବ। ଏମିତିରେ ଯେତେବେଳେ ଯିଏ କିଣିଲା। ଦରଧାର୍ଯ୍ୟ ପଞ୍ଚାୟତିରାଜ ବିଭାଗ କରିବା କଥା କିନ୍ତୁ ମୋ ଜାଣିବାରେ ୨୦୧୮ ପରେ ଆଜି ଯାଏଁ କେବେ କରିନାହିଁ। ସ୍ୱାଭାବିକ ଭାବେ ଲୋକେ ନିଜ ହିସାବରେ ଦରଧାର୍ଯ୍ୟ କରି ବିକ୍ରି କରୁଛନ୍ତି ବୋଲି ଶ୍ରୀ ମୁଦୁଲି ପ୍ରତିକ୍ରିୟାରେ କହିଛନ୍ତି।

## ଦୋକାନ ଭିତରକୁ ପଶିଲା ବୋଲେରୋ; ଡ୍ରାଇଭର ଅଟକ



କଣ୍ଟାବାଞ୍ଜି,୨୩।୩(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର କଣ୍ଟାବାଞ୍ଜି-ଗୁଡ଼ିଘାଟ ରାସ୍ତାରେ ଥିବା ଏକ ହୋଟେଲ ଭିତରକୁ ଏକ ବୋଲେରୋ ପଶି ଯିବାରୁ ଦୋକାନରେ ସବୁ ଜିନିଷ ଭାଙ୍ଗି ନଷ୍ଟ ହୋଇଯାଇଛି। ଏଥିରେ ଅଳ୍ପେକ ବର୍ଞ୍ଚି ଯାଇଛନ୍ତି ଦୋକାନ ମାଲିକ। ଘଟଣାସ୍ଥଳରେ ଉତ୍ତେଜନା ହେବାରୁ କଣ୍ଟାବାଞ୍ଜି ପୁଲିସ ପହଞ୍ଚି ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଡ୍ରାଇଭର ମଦ ପିଇ ଗାଡ଼ି ଚଳାଉଥିବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେପଟେ ଦୋକାନୀ କ୍ଷତିପୂରଣ ମାଗିଛନ୍ତି।

## ଜିଲ୍ଲାପାଳଙ୍କୁ ଅଭିଭାବକ ସଂଘର ସାକ୍ଷାତ



ବଲାଙ୍ଗିର,୨୩।୩(ସମିସ): ଆର୍‌ଟିଇ ଓ ଅନ୍ୱେଷା ଯୋଜନାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟା ଉପରେ ଜିଲ୍ଲା ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଅବଗତ କରାଇଥିଲେ। ଠିକ୍ ସମୟରେ ବହି, ପୋଷାକ, ଜୋତା ନ ପାଇବା ଏବଂ ଅନ୍ୟ ବିଷୟରେ ଅବହେଳିତ ହେବାରୁ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ହଇରାଣ ହେଉଛନ୍ତି। ଜିଲ୍ଲାପାଳ ଗୁରୁତ୍ୱ ସହ ନେଇ ଏ ବିଷୟରେ ବିଶେଷ ଧ୍ୟାନ ଦେବେ ବୋଲି କହିବା ସହ ସଂଘର ଅନୁରୋଧ କ୍ରମେ ପ୍ରଶାସନ, ସ୍କୁଲ ପରିଚାଳନା କମିଟି ଏବଂ ଅଭିଭାବକ ସଂଘର ଏକ ମିଳିତ ବୈଠକ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଏଥିରେ କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ ମୁଗ୍ରୀ, ସମ୍ପାଦକ ବିଶ୍ୱାମିତ୍ର କୁମ୍ଭାର, ମଙ୍ଗଳୁ ତାଣ୍ଡି, ତରଣୀସେନ ଦୀପ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜି ଦିଶା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଣ୍ଟାବାଞ୍ଜି,୨୩।୩(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଦିଶା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ ଯୁବନେତା ଗିରିରାଜ ସିଂହ ମାଝୀ, ମୁଖ୍ୟବକ୍ତା ଭାବେ ଡ. ରମେଶ ଚନ୍ଦ୍ର ମହାନନ୍ଦ, କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟ ଯୁକ୍ତଦୁଇ ଅଧକ୍ଷ ରାଜେଶ ମହାନ୍ତି, ବିଦ୍ୟାଳୟର ଅଧକ୍ଷ ଡୋଳାମଣି ତାଣ୍ଡି, ବିଦ୍ୟାଳୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ସେଠ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଝାଂସିରାଣୀ ମହାନନ୍ଦ ପରିଚଳନା କରିଥିଲେ। ପୂର୍ବରୁ ଆୟୋଜନ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କଣ୍ଟାବାଞ୍ଜି ସହରର ସାମ୍ବାଦିକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ଅସହାୟ ଶବକୁ ମର୍ଯ୍ୟାଦା ସହ ସତ୍କାର କଲା 'ବିଙ୍ଗ୍ ହ୍ୟୁମାନ'

ବଲାଙ୍ଗିର,୨୩।୩(ସମିସ) : ମାନବିକତା ଏବେ ବି ଜୀବିତ ଅଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବଲାଙ୍ଗିର ସହରରେ। ଜଣେ ଅସହାୟ ବୃଦ୍ଧଙ୍କ ମୃତ୍ୟୁ ପରେ ପରିବାର ଲୋକଙ୍କ ଅନୁପସ୍ଥିତିରେ ଆଗେଇ ଆସିଛି ସାମାଜିକ ଅନୁଷ୍ଠାନ 'ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ'। ସମ୍ମାନର ସହ ସେହି ଅସହାୟ ଶବର ଶେଷକୃତ୍ୟ ସମ୍ପାଦନ କରିଛନ୍ତି ସମ୍ପୃକ୍ତ ସଂଗଠନର କର୍ମକର୍ତ୍ତା।



ସୂଚନା ଅନୁଯାୟୀ, ସୋନପୁର ଜିଲ୍ଲା ତରଭା ବ୍ଲକ୍ ଅତାସିଂହା ଗ୍ରାମର ଟଙ୍କଧର କୁମ୍ଭାର (୭୫) ଦୀର୍ଘ ଦିନ ହେବ ବଲାଙ୍ଗିର ଓ ଏହାର ଆଖପାଖ ଅଞ୍ଚଳରେ ବୁଲିବୁଲି ଭିକ୍ଷାବୃତ୍ତି କରି ଚଳୁଥିଲେ। ଗତ ଶନିବାର ଟୋଲ ଗେଟ୍ ନିକଟରେ ତାଙ୍କର ଦେହାନ୍ତ ହୋଇଥିଲା। ଖବର ପାଇ ପୁଇଁତଳା ପୁଲିସ ଉଦ୍ଧାର କରି ତରଭା ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବୃଦ୍ଧଙ୍କର କୌଣସି ଆତ୍ମୀୟସ୍ୱଜନ ଶବନେବା ପାଇଁ ଆଗକୁ ନ ଆସିବାରୁ, ପୁଇଁତଳା ପୁଲିସ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ ସହ ଯୋଗାଯୋଗ କରିଥିଲେ। ଖବର ପାଇବା ପରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଆଣି ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଏହି ମହତ କାର୍ଯ୍ୟରେ କନ୍ଦର୍ପ ରଣା, ଖଗେଶ୍ୱର ପ୍ରଧାନ ବିଶ୍ୱଜିତ ପଟେଲ, ମୁକେଶ ପଧାନ, ପଞ୍ଚା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୨୩।୩(ସମିସ): ବଲାଙ୍ଗିର ଜିଲ୍ଲା ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ ମାଳପଡ଼ାସ୍ଥିତ ରେଲୱେ ଉପଭୋକ୍ତା ସଂଘ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମଧୁସୁଦନ ନାୟକ ସମସ୍ତଙ୍କୁ



ସ୍ୱାଗତ କରିବା ପରେ ଅନୁଷ୍ଠାନର ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବଲାଙ୍ଗିର ରାଧାରାଣୀପଡ଼ାର ରାଜେଶ୍ୱରୀ ସେଠ ଭାରତୀୟ ଦଳ ତରଫରୁ ଖେଳିବା ପାଇଁ ଚୟନ ହୋଇ ବଲାଙ୍ଗିରର ଗର୍ବ ଗୌରବ ବଢାଇଥିବାରୁ ତାଙ୍କୁ ନାଗରିକ କମିଟି ତରଫରୁ ସମ୍ମାନିତ କରାଯାଇଥିଲା। ତତ୍‌ସଙ୍ଗେସଙ୍ଗେ ଜିଲ୍ଲା ଲନ୍‌ବଲ ସଂଘର ସମ୍ପାଦକ ତଥା ଓଡ଼ିଶା ଲନ୍‌ବଲ ସଂଘ ଉପ-ସଭାପତି ସୁମିତ ରଞ୍ଜନ ପୁରୋହିତଙ୍କୁ ମଧ୍ୟ ତାଙ୍କ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସମସ୍ୟା ବହୁଳ ବଲାଙ୍ଗିରରେ ସ୍ୱାସ୍ଥ୍ୟସେବା ଠପ୍ ହୋଇଯାଇଛି, ହସ୍‌ପିଟାଲରେ କେବିନ୍‌ର ସୁବିଧା ନାହିଁ, ଯିବା ଅସିବା ପାଇଁ ଟାଉନ ବସ୍‌ର ସୁବିଧା ନାହିଁ, ସହରରେ ଥିବା ଜଳାଶୟ ସବୁ ବ୍ୟବହାର ଯୋଗ୍ୟ ନୁହେଁ, ଅଳିଆ ଆବର୍ଜନା ସବୁ ଏଣେତେଣେ ଫିଙ୍ଗି ପରିବେଶ ନଷ୍ଟ ହେଉଛି । ଏହିସବୁ ବିଷୟକୁ ଗୁରୁତ୍ୱର ସହ ବିଚାର କରି ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଆଲୋଚନାରେ ଶରତ ମହାକୁର, ତରୁଣ ମିଶ୍ର, ସତ୍ୟବାଦୀ ନାଏକ, ସୁମିତ ପୁରୋହିତ, ପ୍ରଫୁଲ୍ଲ ମିଶ୍ର, ଅନିଲ ନନ୍ଦ, ମୋତିଲାଲ ସାହୁ, ଚନ୍ଦ୍ରମଣୀ ଭାଟି, ପିତାମ୍ବର ବନଛୋର, ମହେନ୍ଦ୍ର ଦର୍ଜି, ନିତ୍ୟାନନ୍ଦ ମିଶ୍ର, ପ୍ରକାଶ ନେପାକ, ପ୍ରଦୀପ ସାହୁ ଓ ଡା. ପ୍ରମୋଦ କୁମାର ମିଶ୍ର ଅଂଶଗ୍ରହଣ କରିଥିଲେ। ସହ ସମ୍ପାଦକ ସୁନୀଲ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।



## କଣ୍ଟାବାଞ୍ଜି ଆଞ୍ଚଳିକ ସାଧନକେନ୍ଦ୍ରରେ ମାସିକ କ୍ଲଷ୍ଟର ବୈଠକ

କଣ୍ଟାବାଞ୍ଜି,୨୩।୩(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଚଳିତ ମାସ ମାସିକ କ୍ଲଷ୍ଟର୍ ବୈଠକ କଣ୍ଟାବାଞ୍ଜି ଝୁପୁଡିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନକେନ୍ଦ୍ରର ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଝୁପୁଡ଼ିପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଭୋଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ନିରୁପମା ମିଶ୍ର, ସବିତା ରଣା, ଲାବଣ୍ୟବତି ଧରୁଆ, ଅଞ୍ଜଳି ମାଝୀ, କୁସୁମ୍ ମଞ୍ଜରୀ ନାଗ, ସୁଭାଷିନୀ ମେହେର, ସବିତା ରଣା, ଯଶୋଦା ବିଡ଼ିକା, ସୁନନ୍ଦା ପୁରୋହିତ, ମୁକ୍ତାବେଜ, ସଂଘମିତ୍ରା ପାଣିଗ୍ରାହୀ, ଅଞ୍ଜଳି ନାୟକ, ନମିତା ପାଣିଗ୍ରାହୀ, ଶିକ୍ଷକ ଲଳିତ ବିଶି, ମନୋଜ ମଲ୍ଲିକ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗିର,୨୩।୩(ସମିସ): ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ବୈଠକ ଗୃହରେ ଅନୁଷ୍ଠିତ ହୋଇଛି। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଶୁଣାଣିରେ ମୋଟ୍ ୬୨ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥିରୁ ୪୮ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା। ତା'ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, କଣ୍ଟାବାଞ୍ଜି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ବଙ୍ଗୋମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିତୁଶ୍ରୀ ମେହେର ସହିତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବିଧାନସଭାରେ ଉଠିଲା ମହିଳା ନିର୍ଯାତନା ପ୍ରଶ୍ନ

ବଲାଙ୍ଗିର,୨୩।୩(ସମିସ)

ବଲାଙ୍ଗିର ଜିଲ୍ଲା ସମେତ ରାଜ୍ୟର ମହିଳା ନିର୍ଯାତନା ପ୍ରସଙ୍ଗ ବିଧାନସଭାରେ ଉଠିଛି। ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ଏହି ପ୍ରସଙ୍ଗ ଉଠାଇ ମହିଳା ନିର୍ଯାତନା ରୋକିବାକୁ ସରକାର କ'ଣ ସବୁ ପଦକ୍ଷେପ ନେଉଛନ୍ତି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ବିଧାୟକ ଶ୍ରୀ ସିଂଦେଓଙ୍କ ପ୍ରଶ୍ନରେ ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରଖିଥିବା ଉତ୍ତରରେ ରାଜ୍ୟରେ ମହିଳା ନିର୍ଯାତନା ମାମଲା ସଂଖ୍ୟା ବଢିଥିବା ତଥ୍ୟ ଦେଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ଗତ ୨୦୨୩ ମସିହାରେ ୭୨୮ଟି ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ୭୦୫ଟି ମାମଲାର ତଦନ୍ତ କରାଯାଇ ୫୭୯ଟି ମାମଲାର ଚାର୍ଜସିଟ ଦାଖଲ କରାଯାଇଥିଲା। ସେହିପରି ୨୦୨୪ରେ ମୋଟ ୮୨୬ଟି ଅଭିଯୋଗରୁ ୭୧୧ଟି ମାମଲାର ତଦନ୍ତ କରି ୫୬୬ ଟି ମାମଲାର ଚାର୍ଜସିଟ ଦାଖଲ କରାଯାଇଛି। ସେହିପରି ୨୦୨୫ରେ ଅଭିଯୋଗ ବଢି ୧୦୨୧ରେ ପହଞ୍ଚିଛି। ସେଥିରୁ ୫୮୩ଟି ମାମଲାର ଚାର୍ଜସିଟ ଦାଖଲ କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ମହିଳା ଓ ଶିଶୁ ନିର୍ଯାତନା ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି। ବରିଷ୍ଠ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତକୁ ପରିଚାଳନା କରାଯାଉଛି ବୋଲି ଉତ୍ତର ଦିଆଯାଇଛି। ବଲାଙ୍ଗିର ଜିଲ୍ଲାରେ ୫୪ଟି ଦୁଷ୍କର୍ମ, ୪ଟି ଦୁଷ୍କର୍ମ ଉଦ୍ୟମ,୨୧ଟି ବିବାହ ପ୍ରତିଶ୍ରୁତିଦେଇ ପ୍ରତାରଣା,୯ଟି ଦୁର୍ବ୍ୟବହାର, ୫୧ଟି ସର୍ବସାଧାରଣସ୍ଥାନରେ ଅପମାନିତ କରିବା,୨୨୮ଟି ଅପହରଣ,୧୩୧ଟି ଯୌତୁକନିର୍ଯ୍ୟାତନା ମାମଲା ରୁଜୁ ହୋଇଥିବା ତଥ୍ୟ ଦିଆଯାଇଛି। ସେହିପରି ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ କେଉଁ ବିଭାଗର କେତେ ପ୍ରତିଶତ ଖର୍ଚ୍ଚ ହୋଇଛି ବୋଲି ବିଧାୟକ ସିଂଦେଓଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବିଭିନ୍ନ ବିଭାଗର ଖର୍ଚ୍ଚହୋଇଥିବା ତଥ୍ୟ ଦେଇଛନ୍ତି। ସେଥିରେ ଗତ ଜାନୁୟାରୀ ମାସ ୩୦ ତାରିଖ ସୁଦ୍ଧା ପବ୍ଲିକ ଏଣ୍ଟରପ୍ରାଇଜେସ୍ ବିଭାଗରେ ୯୧% ବଜେଟ୍ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗରେ ମାତ୍ର ୨୨% ଅର୍ଥ ଖର୍ଚ୍ଚ ହୋଇଛି। ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଖର୍ଚ୍ଚ ୫୦%କୁ ପହଞ୍ଚି ପାରିନି। କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗରେ ମୋଟ ୮୩୧.୨୩ କୋଟି ଟଙ୍କାର ବଜେଟ ରହିଥିବାବେଳେ ମାତ୍ର ୧୮୪.୩୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି।



ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ମୋଟ୍ ୨୯,୫୫୪ କୋଟି ଟଙ୍କାରୁ ମାତ୍ର ୧୧,୬୧୬ କୋଟି ଯାହାକି ବଜେଟ ଅନୁଦାନର ମାତ୍ର ୩୯% ରହିଛି। ଖୋଦ ମୁଖ୍ୟମନ୍ତ୍ରୀ ରଖିଥିବା ଜଳସମ୍ପଦ ବିଭାଗର ୧୪,୬୯୯ କୋଟି ଟଙ୍କାର ବଜେଟରୁ ମାତ୍ର ୭,୧୦୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି ଯାହାକି ମୋଟ ବଜେଟର ୪୮.୩୬% ରହିଛି। ରାଜସ୍ୱ ବିଭାଗରେ ୬୪.୫୬%, ଗୃହବିଭାଗରେ ୬୩.୪୫%, ପୂର୍ତ୍ତବିଭାଗରେ ୬୦%,ଆଇନ ବିଭାଗରେ ୬୧%, ଶିଳ୍ପ ବିଭାଗରେ ମାତ୍ର ୩୮%, ଖାଦ୍ୟ ଓ ଯୋଗାଣ ବିଭାଗରେ ୮୦%, ଅର୍ଥବିଭାଗରେ ୫୭%, ଜଙ୍ଗଲ ଓ ପରିବେଶ ବିଭାଗରେ ୪୯%, କୃଷି ଓ କୌଶକ ସଶକ୍ତିକରଣ ବିଭାଗରେ ୬୮%, ସୂଚନା ଓ ଲୋକସମ୍ପର୍କବିଭାଗରେ ୬୦%, ଗ୍ରାମ୍ୟଉନ୍ନୟନ ବିଭାଗରେ ୫୪%, ଶକ୍ତିବିଭାଗରେ ୫୮%, ପର୍ଯ୍ୟଟନ ବିଭାଗରେ ୫୭%, ସମବାୟ ବିଭାଗରେ ୬୮%, ଉଚ୍ଚଶିକ୍ଷା ବିଭାଗରେ ୫୭%, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ୩୩ % ଓ ମିଶନଶକ୍ତି ବିଭାଗରେ ୪୭ % ଖର୍ଚ୍ଚ ହୋଇଥିବା ତଥ୍ୟ ଦିଆଯାଇଛି। ସେପଟେ ବଲାଙ୍ଗିର ବଡ଼ ଆଇଟି ଶିଳ୍ପର କୌଣସି ପ୍ରସ୍ତାବ ଆସିନାହିଁ। କେବଳ ଆଇଟି ଇକୋସିଷ୍ଟମକୁ ମଜଭୁତ କରିବାକୁ ଏକ ଆଇଟି ବିଜନେସ ଟାୱାର ନିର୍ମାଣର ପ୍ରସ୍ତାବ ରଖାଯାଇଛି ବୋଲି ବୈଷୟିକ ସୂଚନା ପ୍ରଯୁକ୍ତି ବିଭାଗର ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଉତ୍ତର ରଖିଛନ୍ତି।

### ଆଲୋକରେ ଝଟକୁଛି ମାଁଙ୍କ ମନ୍ଦିର

## ଆଜି ମାଁ ବୁଢ଼ାଡଙ୍ଗରଙ୍କ ଚୈତ୍ରଯାତ୍ରା

**କେସିଙ୍ଗା, ୨୩।୩ (ସମିସ):** ଜିଲ୍ଲାର କେସିଙ୍ଗାସ୍ଥିତ ଧର୍ମନଗରୀର ମାଁ ଅମ୍ବେ ମନ୍ଦିର ଓ ଗୌରୀ ଶଙ୍କର ମନ୍ଦିରରେ



ଗତ ୧୯ତାରିଖରୁ ଚାଲିଛି ମାଁଙ୍କ ଚୈତ୍ର ନବ ରାତ୍ର ଚାଲିଛି। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି କେସିଙ୍ଗା ସହର, ଆଲୋକ ସାଜସଜାରେ ଝଟକୁଛି ମାଁଙ୍କ ମନ୍ଦିର। ପ୍ରତିଦିନ ଶ୍ରଦ୍ଧାଳୁଙ୍କ ପାଇଁ ଭୋଗର ବ୍ୟବସ୍ଥା କରାଯାଇଛି। ଦିନ ବେଳା ଗୌରୀଶଙ୍କର ମନ୍ଦିରରେ ଭୋଗର ବ୍ୟବସ୍ଥା ଥିବା ବେଳେ ରାତି ସମୟରେ ମାଁ ଅମ୍ବେ ମନ୍ଦିରରେ ଭୋଗର ସୁବ୍ୟବସ୍ଥା କରାଯାଇଛି।ପ୍ରତିଦିନ ମାଁଙ୍କ ଭିନ୍ନ ଭିନ୍ନ ରୂପ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଅନ୍ୟପଟେ କେସିଙ୍ଗାର ଇଷ୍ଟ ଦେବୀ ମାଁ ବୁଢ଼ାଡଙ୍ଗରଙ୍କ ଚୈତ୍ର ଦଶହରା ମଙ୍ଗଳବାର ଦିନ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### କ୍ୱାକ୍ ଭରସାରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା

## ରୋଗୀଙ୍କ ଜୀବନ ସହିତ ଖେଳ

**କେସିଙ୍ଗା, ୨୩।୩(ସମିସ)**

ଜିଲ୍ଲାରେ ପ୍ରାୟତଃ ସମସ୍ତ ସହର ଓ ଗ୍ରାମାଞ୍ଚଳରେ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ହସ୍ପିଟାଲ ତିଆରି କରି ସେବା ଯୋଗାଇ ଆସୁଛନ୍ତି। ତଥାପି କିଛି ଲୋକେ ମେଡିକାଲ ନ ଆସି ଅଶିକ୍ଷିତ କ୍ୱାକ୍ ଭରସାରେ ରହି ଧନ ଜୀବନ କ୍ଷୟକ୍ଷତି କରୁଛନ୍ତି। କେବଳ ଗ୍ରାମାଞ୍ଚଳରେ କ୍ୱାକ ରାଜ ଚାଲିଛି ତାହା ନୁହେଁ ସହରରେ ମଧ୍ୟ କ୍ୱାକ୍‌ମାନେ ନିଜର କାର୍ଯ୍ୟବିସ୍ତାର କରିବାରେ ଲାଗିଛନ୍ତି। ଆଶ୍ଚର୍ଯ୍ୟର କଥା ହେଲା କୌଣସି କ୍ୱାକ୍ ପାଖରେ ନା ଅନୁମତି ଅଛି ନା ଅଭିଜ୍ଞତା ଅଛି ନା ଲାଇସେନ୍ସ ଅଛି। କେବଳ ଲୋକଙ୍କ ଠାରୁ ପଇସା ଠକି ନିଜର ପକେଟ ଗରମ କରୁଛନ୍ତି।ମୁଖ୍ୟତଃ ଗ୍ରାମାଞ୍ଚରରେ ଏମାନେ ସାଜିଛନ୍ତି ଗୋଟିଏ ଗୋଟିଏ ବିନା ଡିଗ୍ରୀ ଧାରୀ ଡାକ୍ତର ଜିଲ୍ଲାର ଅନେକ ଛୋଟ ଛୋଟ ଗ୍ରାମରେ କ୍ଲିନିକ୍ ଖୋଲି ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି। ଏମାନଙ୍କୁ ନିୟନ୍ତ୍ରଣ କରିବାକୁ ନା ସ୍ଥାନୀୟ ପ୍ରଶାସନ ରୁଚି ଦେଖାଉଛି ନା ଜିଲ୍ଲା ପ୍ରଶାସନ ରୁଚି ଦେଖାଉଛି। କ୍ୱାକ୍‌ମାନଙ୍କ ଶୋଷଣ ଯୋଗୁଁ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡ଼ିଥିବା ଅନେକ ଉଦାହରଣ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉନାହିଁ। କ୍ୱାକମାନେ ଔଷଧ ନେଉଥିବା ଔଷଧ ଦୋକାନୀଙ୍କୁ ତାଗିଦ୍ କରାଯାଉ ନାହିଁ। ଗ୍ରାମାଞ୍ଚଳରେ ହେଉ କିମ୍ବା ସହାଞ୍ଚଳରେ ହେଉ କିଛି ରୋଗ ଆକସ୍ମିକ ହେଲେ ପ୍ରଥମେ କ୍ୱାକକୁ ଡାକି ଚିକିତ୍ସା କରାଉଛନ୍ତି ଓ ଶେଷରେ କ୍ୱାକ୍ ଦ୍ୱାରା ରୋଗ ଭଲ ନହେଲେ କିମ୍ବା କ୍ୱାକ ହାତ ଟେକି ଦେଲେ ଲୋକେ ଶେଷ ମୁହୂର୍ତ୍ତରେ ମେଡିକାଲ ଆଣୁଛନ୍ତି। ଦରକାର ପଡ଼ିଲେ ଡାକ୍ତରଖାନାର ଡାକ୍ତର ରୋଗୀଙ୍କ ସମ୍ପର୍କୀୟଙ୍କୁ ହସ୍ପିଟାଲ ଆଣିବାରେ ଡେରି କରିଦେଲ ଆମେ ରୋଗୀଙ୍କ ଜୀବନ ବଞ୍ଚାଇ ପାରିଲୁ ନାହିଁ ବୋଲି କହିବାର ଅନେକ ଉଦାହରଣ ରହିଛି। ବର୍ତ୍ତମାନ ଦେଖିବାକୁ ମିଳୁଛି କିଛି କ୍ୱାକ ଏହି ଲାଇନରେ ନିଜର ପୁଅମାନଙ୍କୁ ମଧ୍ୟ ନିୟୋଜିତ କରାଇଲେଣି।ସେପଟେ କ୍ୱାକମାନଙ୍କ ଭରସାରେ ଗାଆଁ ଗାଆଁରେ ବିନା ଅନୁମତିରେ ଛତି ଫୁଟିଲା ଭଳି ଔଷଧ ଦୋକାନ ଖୋଲା ଚାଲିଛି। ସେହି ଔଷଧ ଦୋକାନ କେବଳ କ୍ୱାକ୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅନେକ ଲୋକ ଅଭିଯୋଗ କରିଛନ୍ତି। ସେହି ଔଷଧ ଦୋକାନମାନଙ୍କରେ କେବେ ବି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଇ ନାହିଁ କି ଲାଗୁଛି ଆଗକୁ ମଧ୍ୟ ଦୃଷ୍ଟି ଦିଆଯିବ ନାହିଁ କେସିଙ୍ଗା ଭଳି ସହରାଞ୍ଚଳର ଔଷଧ ଦୋକାନକୁ ଦୃଷ୍ଟି ଦେବା ପାଇଁ ଡ୍ରଗ ଇନ୍ସପେକ୍ଟରଙ୍କୁ ଯଦି ୬ ମାସ ସମୟ ଲାଗୁଛି ତାହା ହେଲେ ଗ୍ରାମାଞ୍ଚଳ କଥା କିଏ ବା ପଚାରେ। ଯଦି କ୍ୱାକମାନଙ୍କ ପ୍ରତି ଅଙ୍କୁଶ ଲଗାଇବା ପାଇଁ ପ୍ରଶାସନ ନିରୁପାୟ ତାହାହେଲେ କ୍ୱାକ୍‌ମାନଙ୍କୁ ଉଚିତ୍ ସରକାରୀ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ରୋଗୀ ସେବା କରିବାକୁ ଲାଇସେନ୍ସ ପ୍ରଦାନ କରାଯିବା ସହ ଗ୍ରାମାଞ୍ଚଳରେ ସଚେତନ କାର୍ଯ୍ୟକ୍ରମ କରିବା ପାଇଁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି।

### ତେଲନଦୀ ପୋଲ ଉପରେ ଭାରିଯାନ ଚଳାଚଳକୁ ବିରୋଧ

## ସିଟିଜନ୍ ଫୋରମ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେସିଙ୍ଗା, ୨୩।୩(ସମିସ):** ବିଜେଡି ସରକାରଙ୍କ ପକ୍ଷରୁ କେସିଙ୍ଗାରୁ ଟିଟଲାଗଡ଼ ଭାୟା କଣ୍ଟାବାଞ୍ଜି ଖରିଆରକୁ ଯୋଡିବା ପାଇଁ କେସିଙ୍ଗା ତେଲନଦୀ ଉପରେ ବ୍ରିଜ ନିର୍ମାଣ କରାଗଲା। ଯାହାର ଫାଇଦା ଅଞ୍ଚଳବାସୀ ପାଉଛନ୍ତି।ବ୍ରିଜ ନହେବା ଆଗରୁ ଟିଟଲାଗଡ଼ ଯିବା ପାଇଁ କେସିଙ୍ଗା ଭାୟା ବେଲଗାଁ ହୋଇ ପ୍ରାୟ ୪୦ କିଲୋମିଟର ଦୂର ବୁଲିକି ଯିବାକୁ ପଡୁଥିଲା। ହେଲେ ତେଲନଦୀ ଉପରେ ବ୍ରିଜ ନିର୍ମାଣ ହେବା ପରେ ସେହି ଦୂରତା କମି ୧୮ କିଲୋମିଟରେ ରହିଯାଇଥିଲା। ଯାହାଫଳରେ ଟିଟଲାଗଡ଼ କିମ୍ବା କଣ୍ଟାବାଞ୍ଜି ଭାୟା ରାୟପୁର ଯିବା ପାଇଁ ଗାଡ଼ି ଚାଳକଙ୍କୁ ସୁବିଧା ହୋଇଯାଉଛି। ଅନ୍ୟପଟେ ଭବାନୀପାଟଣା ଖରୀଆର ଭାୟା ରାୟପୁର ଥିବା ରାସ୍ତାରେ ତୁରକେଲ ଗ୍ରାମ ପାଖରେ ଥିବା ସେହି ତେଲନଦୀ ଉପରେ ଥିବା ତୁରକେଲ ବ୍ରିଜ କିଛି ମାସ ଆଗରୁ ଖସି ଯାଇଥିବାରୁ ପ୍ରଶାସନ ପକ୍ଷରୁ ସେହି ବ୍ରିଜରେ ଭାରିଯାନ୍ ଚଳା ଚଳ ପୁରାପୁରି ବନ୍ଦ ଥିବାରୁ ରାୟପୁର ଯିବାକୁ ଥିବା ଅନେକ ଭାରୀଯାନ କେସିଙ୍ଗା ତେଲନଦୀ ବ୍ରିଜ ଉପରେ ହୋଇ ଭାୟା ଟିଟଲାଗଡ଼ ଦେଇ ରାୟପୁର ଯାଉଥିବା ଦେଖିବାକୁ ମିଳୁଛି। ଯାହାର ଫଳସ୍ୱରୂପ୍ କେସିଙ୍ଗା ଜଗନ୍ନାଥ ମନ୍ଦିର ଅଣଓସାରିଆ ଛକରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବା ସହିତ ଭାରିଜାନ ଚଳାଚଳ ଯୋଗୁଁ ରାସ୍ତା ମଧ୍ୟ ଖରାପ ହେଉଛି। ଏହି ସବୁ ସମସ୍ୟା ଗୁଡ଼ିକୁ ଆଖି ଆଗରେ ରଖି କେସିଙ୍ଗା ସିଟିଜନ ଫୋରମ୍‌ର ସଭାପତି ଡାକ୍ତର ହେମସାଗର ସାହା ରବିବାର କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ସାକ୍ଷାତ କରି ଭାରିଯାନ ଗୁଡ଼ାକର ଗତିପଥ ପରିବର୍ତ୍ତନ କରିବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଏଥିସହ କଳାହାଣ୍ଡି ଏସ୍‌ପି, କେସିଙ୍ଗା ଏସ୍‌ଡିପିଓଙ୍କୁ ମଧ୍ୟ ପତ୍ର ପ୍ରଦାନ କରି ସମସ୍ୟା ଉପରେ ଧ୍ୟାନ ଦେବା ପାଇଁ ଅନୁରୋଧ କରିଛନ୍ତି।

## ଆନ୍ଦୋଳନ ପରେ ଖରିଆରରୋଡ଼ ଓଭର ବ୍ରିଜ କାମ ଆରମ୍ଭ



**ନୂଆପଡ଼ା, ୨୩।୩ (ସମିସ):** ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଖରିଆରରୋଡ ସହର ମୁଣ୍ଡରେ ନିର୍ମାଣାଧିନ ଓଭରବ୍ରିଜରେ ସର୍ଭିସରୋଡ ଅବସ୍ଥା ବେହାଲ ହୋଇଥିବା ବେଳେ ବାରମ୍ବାର ଲୋକଙ୍କ ଅଭିଯୋଗ ପରେ ମଧ୍ୟ କୌଣସି ସମାଧାନ ହୋଇନଥିବାରୁ ଶେଷରେ ଶାସକ ଦଳର ନେତା, କର୍ମୀମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପରେ କାମ ଆରମ୍ଭ ହୋଇଛି।

**ସର୍ଭିସରୋଡ୍ ଅବସ୍ଥା ବେହାଲ୍**

ପ୍ରକାଶ ଯେ ଆଜିକୁ ଅଢେଇ ବର୍ଷ ହେବ ଜାତୀୟ ରାଜପଥ ୩୫୩ରେ ଓଭର ବ୍ରିଜ ନିର୍ମାଣ କାମ ଚାଲିଛି। ନିର୍ମାଣ କାମ ଆରମ୍ଭ ହେବା ପୂର୍ବରୁ ଦୁଇ ପାର୍ଶ୍ୱରେ ସର୍ଭିସରୋଡ ତିଆରି କରାଯିବାର ନିୟମ ରହିଛି। ହେଲେ ଠିକାଦାର କୁଆଡେ କିଛି ନେତା, ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା କରି ଶସ୍ତା ରୋଡ ନିର୍ମାଣ କରି ଛାଡିଦେଲେ। ବର୍ତ୍ତମାନ ସବୁ ଜାଗାରେ ଖାଲ ଖମା ହୋଇଥିବା ବେଳେ ଦୁର୍ଘଟଣା ପ୍ରବଣ ହୋଇପଡ଼ିଛି। ଏହିରାସ୍ତାରେ ଦୈନିକ ହଜାର ହଜାର ଗାଡିମୋଟର ଚାଲୁଥିବାରୁ ବସ୍ତିବାସିନ୍ଦାଙ୍କ ଜୀବନ ଜିବିକା ଦୁର୍ବିସହ ହେଲାଣି। ଶେଷରେ ସହରର ୯ ଏବଂ ୧୦ନମ୍ବର ୱାର୍ଡବାସିନ୍ଦା ସ୍ଥାନୀୟ କାଉନସିଲର ବେଣୁ ଦୀପଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟାରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସହର ମୁଣ୍ଡରେ ରାସ୍ତାରୋକ କରିଥିଲେ। ସ୍ଥାନୀୟ କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ନଗରପ୍ରତିନିଧି ଗୋଲଡି ଅଗ୍ରୱାଲ ଆନ୍ଦୋଳନରେ ସାମିଲ ହୋଇଥିଲେ। ବିକ୍ଷୋଭ ପ୍ରଦର୍ଶନ ପରେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଆସିନଥିଲେ। ଶେଷରେ ଠିକାଦାର କାମ ଆରମ୍ଭ କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନ୍‌ଏସି ଅଧକ୍ଷ ରାଜୁ ଚୌହାନ, ସଞ୍ଜୁ ସୋନୀ ପ୍ରମୁଖ ସାମିଲ ହୋଇଥିଲେ।କାମ ଆରମ୍ଭ ହେବା ଦିନଠୁ ରାସ୍ତାର ଅବସ୍ଥା ଏଭଳି ରହିଥିବା ବେଳେ ସ୍ଥାନୀୟ କୌଣସି ନେତାଙ୍କ ହସ୍ତକ୍ଷେପ ରହୁନାହିଁ। ଏହାକୁ ନେଇ ବିଭିନ୍ନ ସମୟରେ ଠିକାଦାରଙ୍କ ସହ ନେତାମାନଙ୍କ ମଧୁ ଚନ୍ଦ୍ରିକା ଚାଲିଥିବାରୁ ଲୋକେ ହଇରାଣ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ଗୋଟିଏ ପଟେ ସ୍ଥାନୀୟ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଅଧିବାସୀଙ୍କ ଯିବା ଆସିବାରେ ଅସୁବିଧା ହେଉଛି। ଏହାକୁ ନେଇ ବସ୍ତି ବାସିନ୍ଦା ପ୍ରଶାସନିକ ଅଧିକାରୀମାନଙ୍କୁ ଜଣାଇଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢ଼ି ଚାଲିଛି।

### ଜେକେ ଫୁଡ୍ ରାଇସ୍ ମିଲ୍‌ରେ ନିଆଁ

## ଜଳିଗଲା ହଜାର ହଜାର ଅଖା ବସ୍ତା

**କୋକସରା, ୨୩।୩ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବୋବରିଆସ୍ଥିତି ଜେକେ ଫୁଡ୍ ରାଇସ୍ ମିଲରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ବାହିନୀ ଦିର୍ଘ ସମୟର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସୋମବାର ମଧ୍ୟାହ୍ନ ସମୟରେ ଜେକେ ଫୁଡ୍ ରାଇସ ମିଲରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ଫଳରେ ମିଲ ଭିତରେ ଥିବା ଅଖା ବସ୍ତା ଜଳିବାରେ ଲାଗିଥିଲା।ତୁରନ୍ତ କୋକସରା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର ହାବିଲଦାର ସୁନିଲ ରଞ୍ଜନ ବରଲାଙ୍କ ନେତୃତ୍ୱରେ କର୍ମଚାରୀ ରାଧେଶ୍ୟାମ ପ୍ରଧାନୀ, ଲଲିତ ପୁଟେଲ, ଉମାଶଙ୍କର ନାଏକ, ଦେବାଶିଷ ମହାପାତ୍ର, ହେମନ୍ତ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦିର୍ଘ ୩ ଘଣ୍ଟା ଆକ୍ରାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ।ନିଆଁ ଲାଗିବା ଫଳରେ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଅଖା ବସ୍ତା ନଷ୍ଟ ହୋଇଥିବା ବେଳେ ମିଲରେ ମକା ରଖା ଯାଇଥିବା ସ୍ଥାନରେ ନିଆଁ ଲାଗିବା ଆଗରୁ ଆୟତ୍ତ କରିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ କେଉଁ ପରିସ୍ଥିତିରେ ଧାନ ମିଲରେ ଏତେ ପରିମାଣରେ ମକା ଗଚ୍ଛିତ ରଖାଯାଇଛି। କିଭଳି ଭାବରେ ନିଆଁ ଲାଗିଲା ଓ ରାଇସ ମିଲରେ ଅଗ୍ନି ନିରାପତ୍ତା ନିୟମ ପାଳନ କରାଯାଉଛି। ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଛି ନାଁ ବାହାର ପଟୁ ନିଆଁ ଲାଗିଛି ତାହା ଜାଣିବା ମୁସ୍କିଲ ହୋଇଥିବା ବେଳେ ତାହା ତଦନ୍ତ ସାପେକ୍ଷ।



## ବୋଡେନ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ନୂଆପଡ଼ା, ୨୩।୩(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ



ସହ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) କେ. ମାଧବୀଲତା, ଆଇଏଫଏସ (ପ୍ରୋବେଶନର) ଅର୍ଣ୍ଣବ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଧନେଶ୍ୱର ସେଠୀ, ବୋଡ଼େନ ପଞ୍ଚାୟତ ସମିତି ଅଧକ୍ଷା ପ୍ରେମଶିଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୦ବ୍ୟକ୍ତିଗତ ଓ ୨୨ଟି ଗୋଷ୍ଠିଗତ ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖଇରଭାଡି ଗ୍ରାମର ହିରେନ୍ଦ୍ରି ବାଗ ଓ ବିନୋପୁର ଗ୍ରାମର ଶ୍ୟାମବନ୍ଧୁ ପାଣିଗ୍ରାହୀଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ବୋଡ଼େନ ତହସିଲଦାର ସରିତା ଗୁପ୍ତା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।ଅଭିଯୋଗ ଶୁଣାଣି ଶିବିର ଉପଲକ୍ଷେ ବ୍ଲକ ପରିସରରେ ଗୋଟିଏ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରା ଯାଇଥିଲା।

## ଡହଗାଁରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ଉତ୍ସବ

**କୋକସରା, ୨୩।୩ (ସମିସ):** ସୋମବାର ଭକ୍ତିମୟ ପରିବେଶ ମଧ୍ୟରେ କୋକସରା ବ୍ଲକ ଡହଗାଁରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଛି। କର୍ତ୍ତା ଭାବରେ ଅର୍ଜୁନ ପୁଝାରୀ ଓ ତାଙ୍କ ସହଧର୍ମିଣୀ ରମେ ପୁଝାରୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଜ୍ୟୋତିର୍ବିଦ ଭୂପେଶ ତିୱାରୀ ତଥା ଗାଁର ଭକ୍ତଜନ ଓ ସ୍ଥାନୀୟ ବାସିନ୍ଦାମାନେ ବିଶେଷ ଉତ୍ସାହ ସହଯୋଗ ଦେଇଥିଲେ। ମଙ୍ଗଳ ଧ୍ୱନି, ପୂଜାର୍ଚ୍ଚନା ଓ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ଭାଗବତ ଟୁଙ୍ଗିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଭାଗବତ ଟୁଙ୍ଗିର ସଭାପତି ବଳରାମ ପୂଝାରୀ, ଉପସଭାପତି ଜବର ପୁଝାରୀ, ବ୍ରଜମୋହନ ନାଏକ ସମେତ ଗାଁର ଆବାଳ ବୃଦ୍ଧବନିତା ଧାର୍ମିକ ଅନୁଷ୍ଠାନକୁ ସଫଳ କରିଥିଲେ।

## ଝୁଲେଲାଲ ଜୟନ୍ତୀ ପାଳିତ

**ଭବାନୀପାଟଣା, ୨୩।୩ (ସମିସ):** କଳାହାଣ୍ଡି ସିନ୍ଧି ସମାଜ ପକ୍ଷରୁ ଭବାନୀପାଟଣା ଠାରେ ଭଗବାନ ଝୁଲେଲାଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।ସ୍ଥାନୀୟ ମନ୍ଦାରବଗିଚାପଡ଼ାସ୍ଥିତ ସିନ୍ଧି ପଞ୍ଚାୟତ ଭବନରେ ଭଗବାନ ଝୁଲେଲାଲ ଙ୍କ ପୂଜାର୍ଚ୍ଚନା ସହ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଷ୍ଟେଟ୍ରୁ ଛକ ଠାରେ ଜନସାଧାରଣଙ୍କ ପାଇଁ ଥଣ୍ଡା ସର୍ବତ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଝୁଲେଲାଲଙ୍କ ପ୍ରତିମା ସହ ଦାଣ୍ଡିଆ ନୃତ୍ୟ ଶୋଭାଯାତ୍ରା ଭବାନୀପାଟଣା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସିନ୍ଧି ସମାଜର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଖରିଫରେ ୬୪ ଲକ୍ଷ ୩୧ ହଜାର ୭୭୮ କୁଇଣ୍ଟାଲ ଧାନ ସଂଗ୍ରହ

**ଭବାନୀପାଟଣା, ୨୩।୩(ସମିସ):** ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଥିଲା। ବିଳମ୍ବରେ ମଣ୍ଡି ଖୋଲିବା ଏବଂ ମିଲର୍ସମାନଙ୍କ ଆନ୍ଦୋଳନ ବ୍ୟବସ୍ଥାକୁ ବିଗାଡି ଦେଇ



ଗତି କରୁଥିଲା। ଟୋକନ ଥିଲେ ମଣ୍ଡିରେ ଗାଡ଼ି ନାହିଁ। ଧାନ ଉଠିଲେ ଟଙ୍କା ଅମିଳିବା ଇତ୍ୟାଦି ଘଟଣା ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। କଳାହାଣ୍ଡି ଜିଲ୍ଲାରେ ଗତ ବର୍ଷ ନଭେମ୍ବର ୨୯ ତାରିଖଠାରୁ ଚାଲିଥିବା ଖରିଫ୍ ଧାନ ସଂଗ୍ରହ ବେପାର ଗତ ଶନିବାର ଦିନ ଶେଷ ହୋଇଛି। ଚଳିତ ଖରିଫ୍‌ରେ ଜିଲ୍ଲାରେ ୬୬ଲକ୍ଷ ୮ହଜାର କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟାର୍ଗେଟ ମଗାଯାଇଥିଲା। ସେଥିରୁ ୬୪ ଲକ୍ଷ ୩୧ ହଜାର ୭୭୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି।ଏଥିରେ ୨୩୦ଟି ମଣ୍ଡି ଜରିଆରେ ୧ ଲକ୍ଷ ୧୭ହଜାର ୭୦୨ ଜଣ ଚାଷୀ ୬୬ଲକ୍ଷ ୮ହଜାର କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଗତବର୍ଷ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ୬୦ ଲକ୍ଷ ୯୬ହଜାର ୬୩୯ କୁଇଣ୍ଟାଲ ଅଧିକ ରହିଥିଲା। ଯାହାକି ଗତ ବର୍ଷ ଠାରୁ ଏଥର ୩ଲକ୍ଷ ୩୫ହଜାର ୨୯ କୁଇଣ୍ଟାଲ ଅଧିକ ରହିଛି। ଶେଷ ଦିନରେ ଅର୍ଥାତ୍ ଶନିବାର ଧର୍ମଗଡ଼ ବ୍ଲକ ବୋଡେନ ମଣ୍ଡିରେ ଜଣେ ଚାଷୀ ୩୯.୯୯ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଏଥର ୨୩୦ଟି ମଣ୍ଡିରେ ୯୭ଟି ମିଲର୍ସ ନିଯୁକ୍ତ ହୋଇଥିଲେ। ଅନ୍ୟବର୍ଷ ଅପେକ୍ଷା ଏଥର ଖରିଫ ଧାନ ବିକ୍ରି ବ୍ୟବସ୍ଥା ଚାଷୀଙ୍କ ଦୁଃଖ ବଢ଼ାଇଥିଲା।ମଣ୍ଡି ଆରମ୍ଭରୁ ଚାଷୀ ଟୋକନ ସମସ୍ୟା ଓ ଶ୍ରମିକ ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିଲେ ଚାଷୀ। ଧାନ ଉଠାଣ ପ୍ରକ୍ରିୟାରେ ମନ୍ଥରଗତି ଚାଷୀ ଠାରୁ ଆରମ୍ଭକରି ପ୍ରଶାସନ ପର୍ଯ୍ୟନ୍ତ ଚିନ୍ତାରେ ପଡ଼ିଥିଲେ। ଧାନ କିଣା ଅବ୍ୟବସ୍ଥା ଆବଶ୍ୟକୀୟ ଅନୁଯାୟୀ ଟୋକନ ନ ଆସିବା ଓ ଟୋକନ ଲାପ୍ସ ଯୋଗୁଁ ଅନେକ

**ପୂର୍ବବର୍ଷ ଅପେକ୍ଷା ଅଧିକ ୩ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ**

ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରି ନଥିବା ଜଣାପଡ଼ିଛି। ଏବେବି ତୁଲାପଡ଼ା ପାଙ୍କରେ ୩୩ଜଣ ଚାଷୀଙ୍କ ଶହ ଶହ ବସ୍ତା ଧାନ ପଡ଼ିରହିଛି। ଫଳରେ ବଳକା ଧାନକୁ ଚାଷୀ ମଣ୍ଡିରେ ବିକ୍ରି କରି ନ ପାରି ଘରକୁ ନେବାକୁ ଏଥର ପରିସ୍ଥିତି ବାଧ କରିଛି। ଏ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ଚଳିତ ଖରିଫ୍ ଧାନ ସଂଗ୍ରହ ଗତ ବର୍ଷଠାରୁ ଅଧିକ ହୋଇଛି ବୋଲି କହିଥିଲେ। ବଳକା ଧାନ ପ୍ରସଙ୍ଗକୁ ଏଡ଼ାଇଦେଇ କୌଣସି ଉତ୍ତର ରଖିନଥିଲେ।

## ନୂଆପଡ଼ାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

**ନୂଆପଡ଼ା, ୨୩।୩(ସମିସ):** ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକଆରମ୍ଭରେ ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ସମସ୍ତଙ୍କୁ ସ୍ୱାଗତ କରି ବୈଠକର ବିବରଣୀ ଉପସ୍ଥାପନ କରିଥିଲେ।ବୈଠକରେ ଜିଲ୍ଲାପାଳ 'ନୋ ହେଲମେଟ୍ ନୋ ପେଟ୍ରୋଲ୍' ନିୟମକୁ ଆହୁରି କଡ଼ାକଡି ଭାବେ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦେଇଥିଲେ।ସଡ଼କ ଦୁର୍ଘଟଣା କମାଇବା ପାଇଁ ଗାଇଗୋରୁ ଅଧିକ ଚଳାଚଳ କରୁଥିବା ରାସ୍ତାଗୁଡ଼ିକରେ ଆରଟିଓ, ଏନ୍‌ଏସି ଓ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କ ସଂଯୁକ୍ତ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲମେଟ୍ ବ୍ୟବହାରକୁ ବାଧତାମୂଳକ କରିବା ପାଇଁ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ୧୦ଟି ସ୍ଥାନରେ 'ହେଲମେଟ୍ ହବ୍' ସ୍ଥାପନ ପାଇଁ ଏସଓପି ପ୍ରସ୍ତୁତ ହୋଇଛି। ଜିଲ୍ଲା ପରିବହନ ଅଧିକାରୀ ଶର୍ମିଳା ମହାରଣା ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ, ଦୁର୍ଘଟଣା ପ୍ରବଣ ଅଞ୍ଚଳର ସଂଯୁକ୍ତ ନିରୀକ୍ଷଣ, ଆଇନ ପ୍ରୟୋଗ ଓ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ।ଚଳିତ ବର୍ଷ ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ମଦ୍ୟପ ଗାଡ଼ି ଚାଳନା ପାଇଁ ୮ଟି ଓ ବିନା ହେଲମେଟ ବାଇକ୍ ଚାଳନା ପାଇଁ ୨୨୮ଟି ଚାଲାଣ ଜାରୀ ହୋଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ ସୁଖେନ୍ଦୁ ରାୟ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ନୂଆପଡ଼ା, ଖଡିଆଳ ଓ ଖରିଆରରୋଡ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୦୦୦ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଗୋଲାମୁଣ୍ଡା, ୨୩।୩(ସମିସ):** କଳହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଲାମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟର ୨୦୦୦ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ସରକାରୀ କୃଷି ଉଦ୍ୟାନ ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୫ ବର୍ଷ ପରେ ପରସ୍ପର ମଧ୍ୟରେ ଭାବ ବିନିମୟ ଦୁଃଖସୁଖ ବାର୍ତ୍ତା ଆଦାନପ୍ରଦାନ କରାଯାଇଥିଲା। ତତ୍କାଳୀନ ପ୍ରଧାନଶିକ୍ଷକ ପ୍ରେମଲାଲ ନାଏକଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ମଧୁସ୍ମିତା ପାଢ଼ୀ, ଗୀତାଞ୍ଜଳି ପାତ୍ର, ସୁନିତା ପାଢ଼ୀ, ରୀନା ଅଗ୍ରୱାଲ, ବୈଦେହୀ ଦାସ, ପଲ୍ଲବୀ ଯୋଶୀ, ସୀତା ନାଏକ, ରୁକ୍ମଣୀ ମାଝୀ, ନୀଳାଦ୍ରି ନାଏକ, ଶ୍ୱେତାଞ୍ଜଳି ପଟ୍ଟଯୋଶୀ, ମୁକେଶ ବିଷି, ଦେବାର୍ଚ୍ଚନ ତେଜି, ମନୋଜ ମୁଣ୍ଡ, ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଜୀବନର ସ୍ମୃତି ଗୁଡ଼ିକୁ ମନେ ପକେଇବା ସହ ସମ୍ପର୍କକୁ ସୁଦୃଢ଼ ରଖିବା ସହ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସ୍ନେହ, ପ୍ରେମ, ବନ୍ଧୁତ୍ୱ ରହିବ ବୋଲି ସଂକଳ୍ପ ନେଇଥିଲେ।

### ମା'ଡୋକରୀ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

## ସଂସ୍କୃତିର ଜାଗରଣ ଗାଁରୁ ଆରମ୍ଭ

**ମ.ରାମପୁର, ୨୩।୩(ସମିସ):** ମା'ଡୋକରୀ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସଂସ୍କୃତିର ପୁନଃ ଜାଗରଣ ଗାଁରୁ ଆରମ୍ଭ ହେବା ସହ ଭାରତର ଆତ୍ମା ଗାଁରେ ଥିବା, ହିଁ ଏହି ଲୋକ ମହୋତ୍ସବର ଉଦାହରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଟାପରେଙ୍ଗଗଡ଼ର ଇଷ୍ଟ ଦେବୀ ମା'ଡୋକରୀଙ୍କ କିମ୍ବଦନ୍ତୀ ଓ ଗାଥା ବହନ କରୁଥିବା ଉତ୍ସବ ଆମକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଏକ ମହନୀୟ ଉଦ୍ୟମ ବୋଲି ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ ସଭା ରେ ଅତିଥିମାନେ ଆୟୋଜକଙ୍କ ଉଦ୍ୟମକୁ



ପ୍ରଶଂସା କରିଥିଲେ। ଆୟୋଜକ କମିଟିର ସଭାପତି ଯୋଗେନ୍ଦ୍ର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସାମ୍ବାଦିକ ତଥା ଯୁବ ଶିଳ୍ପପତି ପ୍ରଶାନ୍ତ ସାମନ୍ତରା, ମୁଖ୍ୟବକ୍ତା ଡ. କୌତୁକ ପନ୍ଦର, ସମ୍ମାନୀତ ଅତିଥି ସମାଜ କର୍ମୀ ରଶ୍ମି ରଞ୍ଜନ ପ୍ରହରାଜ, ଶତ୍ରୁଘନ ମଲ୍ଲିକ, ନାଏବ ସରପଞ୍ଚ ସବିତା ପାତ୍ର, ଯୋଗେନ୍ଦ୍ର ସେନାପତି, ଟଙ୍କଧର ପନ୍ଦର, ପ୍ରମୁଖ ଉପସ୍ଥିତ ରହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ପୂଜାର୍ଚ୍ଚନା ପରେ ପ୍ରତିଦିନ ଭଳି ନୃତ୍ୟ ଉପର ନୂଆ ଗାଆଁର କଳାକାରଙ୍କ ଦ୍ୱାରା କଳାହାଣ୍ଡିର ବୀରବାଦ୍ୟ ଘୁମୁରା ସହ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଘାସିରାମ ଧରୁଆ ମଞ୍ଚ ପରିଚାଳନା କରିଥିବା ବେଳେ ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ କୁମୁରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପରେ ଜିଲ୍ଲା ବାହାରୁ ଆସିଥିବା କଳାକାର ଓ ସାଂସ୍କୃତିକ ଦଳ ପକ୍ଷରୁ ଲୋକ ନୃତ୍ୟ, ଲୋକ ନାଟକ ଭଳି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

### ରବି ଧାନ ପଞ୍ଜୀକରଣ ପାଇଁ ଚାଷୀ ହନ୍ତସନ୍ତ

## ମେଗାଲିଫ୍ଟ ଚାଷୀଙ୍କୁ ମିଳୁନି ସୁଯୋଗ

**ଜୟପାଟଣା, ୨୩।୩(ସମିସ)**

କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳରେ ରବି ଧାନ ପଞ୍ଜୀକରଣକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ବର୍ଷ ବାମ, ଡାହାଣ ମୁଖ୍ୟ କେନାଲରେ ୫୭, ୫୭୪ହେକ୍ଟର ଓ ଲିଫ୍ଟ କେନାଲରେ ୧୮, ୮୫୫ ହେକ୍ଟର ଚାଷଜମିରେ ରବି ଚାଷ ହୋଇଛି। ତେବେ ବର୍ତ୍ତମାନ ଧାନ ବିକ୍ରି ପଞ୍ଜୀକରଣ ପାଇଁ ସମୟସୀମା କମ୍ ଥିବା ବେଳେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧୦ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ୧୫ ଦିନ ସମୟ ରହିଛି। ଏଥିପାଇଁ ସକାଳୁ ଚାଷୀମାନେ ନିଜର କାମଧନ୍ଦା ଛାଡ଼ି ପଞ୍ଜୀକରଣ କେନ୍ଦ୍ରରେ ଭିଡ଼ ଜମାଉଛନ୍ତି, ବର୍ତ୍ତମାନ ସୁଦ୍ଧା ୪୦ ପ୍ରତିଶତ ଚାଷୀଙ୍କ ପଞ୍ଜୀକରଣ ବାକି ଅଛି। ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ରହିବା ପରେ ମଧ୍ୟ ଅନେକ ସମୟରେ ପଞ୍ଜୀକରଣ ହୋଇପାରୁନାହିଁ। ପଞ୍ଜୀକରଣ କେନ୍ଦ୍ରଗୁଡ଼ିକରେ ପ୍ରବଳ ଖରାକୁ ଦୃଷ୍ଟିରେ ରଖି ପାନୀୟ ଜଳ କିମ୍ବା ଛାଇର ବ୍ୟବସ୍ଥା ନାହିଁ। ମହିଳା ଚାଷୀମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସୁବିଧା ନଥିବାରୁ ସେମାନେ ଅତି ଦୟନୀୟ ଅବସ୍ଥାରେ ଅପେକ୍ଷା କରୁଛନ୍ତି। ସବୁଠାରୁ ବଡ଼ ସମସ୍ୟା ହେଉଛି ମେଗାଲିଫ୍ଟ କେନାଲ ମାଧ୍ୟମରେ ଚାଷ କରିଥିବା ଚାଷୀଙ୍କ ପାଇଁ। ସେମାନଙ୍କ ପାଇଁ ଅନଲାଇନ୍ ପଞ୍ଜୀକରଣ ସାଇଟ୍ ଖୋଲୁନାହିଁ। ଗୋଟିଏ ସପ୍ତାହ ଧରି ସେମାନେ ପେକ୍ସ ଏବଂ ଘର ମଧ୍ୟରେ ଦୌଡ଼ି ଦୌଡ଼ି ନିରାଶ ହେଲେଣି।ନିରୀହ ଚାଷୀମାନେ ଏହି ଅବ୍ୟବସ୍ଥାକୁ ନେଇ କ୍ଷୋଭ



ପ୍ରକାଶ କରିବା ସହ ନିମ୍ନଲିଖିତ ଦାବି ରଖିଛନ୍ତି, ପଞ୍ଜୀକରଣ ସମୟ ସୀମାକୁ ବୃଦ୍ଧି କରାଯାଉ। ପଞ୍ଜୀକରଣ କେନ୍ଦ୍ରରେ ତୁରନ୍ତ ପାନୀୟ ଜଳ ଏବଂ ବିଶ୍ରାମ ପାଇଁ ଛାଇର ବ୍ୟବସ୍ଥା କରାଯାଉ। ମେଗାଲିଫ୍ଟ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବୈଷୟିକ ସମସ୍ୟାର ତୁରନ୍ତ ସମାଧାନ କରି ସେମାନଙ୍କ ନାମ ପଞ୍ଜୀକରଣ କରାଯାଉ।

